# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
## ଢେଙ୍କାନାଳ

e-mail : dkl.dipro@gmail.com
Tel. No. - (06762) 224414


ପତ୍ର ସଂଖ୍ୟା --୨୪୭-----/ସୂ.ଲୋ.ସଂ                ତା.୦୪/୦୩/୨୨----

କପିଳାସ ପୀଠରେ ଜାଗର ଯାତ୍ରା ପାଳନ ନିମନ୍ତେ ଦୃଢ଼ୀଭୂତ ପ୍ରସ୍ତୁତି ବୈଠକ
ଜିଲ୍ଲା ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନେ ନ ଆସିବାକୁ ପରାମର୍ଶ

---

ଢେଙ୍କାନାଳ, ତା-୦୪/୦୩-

ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟସ୍ଥ ସମ୍ମିଳନୀ ସଭାଗୃହଠାରେ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଶ୍ରୀ ଶ୍ରୀ ଚନ୍ଦ୍ର ଶେଖର ଜୀଉ ବିଜେ, କପିଳାସ ପୀଠରେ ଚଳିତ ବର୍ଷ ପାଳିତ ଜାଗର ଯାତ୍ରା (ମହାଶିବ-ରାତ୍ରୀ) ପାଳନ ନିମନ୍ତେ ଦୃଢ଼ୀଭୂତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ପରମ୍ପରା ଓ ନୀତିନିୟମ ରକ୍ଷା କରି ଜାଗରଯାତ୍ରା ପାଳନ କରାଯିବ। ଜିଲ୍ଲା ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନେ ନ ଆସିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। କେବଳ ଢେଙ୍କାନାଳ ଜିଲ୍ଲାବାସୀ ଚଳିତ ମାସ ୫ ତାରିଖ ଠାରୁ ୧୧ ତାରିଖ ମଧ୍ୟରେ କରିଥିବା କୋଭିଡ଼ ଟେଷ୍ଟର ନେଗେଟିଭ ରିପୋର୍ଟ ଆଣି ଦର୍ଶନ କରିପାରିବେ ଏବଂ ଦୀପ ଜାଳିପାରିବେ ବୋଲି ବୈଠକରେ ସ୍ପଷ୍ଟ କରାଯାଇଛି।

ଜାଗର ଯାତ୍ରା ଅବସରରେ ଶ୍ରଦ୍ଧାଳୁମାନେ ମାସ୍କ ବ୍ୟବହାର, ସାମାଜିକ ଦୂରତା ରକ୍ଷା ନିମନ୍ତେ ବିଶେଷ ସଚେତନ ହେବା ସହିତ ପରିଷ୍କାର-ପରିଚ୍ଛନ୍ନତା ଉପରେ ଧ୍ୟାନ ଦେବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିବା ବେଳେ ଶ୍ରଦ୍ଧାଳୁମାନେ ତୋଳା ଜଳ ପାଇଁ ପ୍ରଶାସନ ପକ୍ଷରୁ ମାଗଣାରେ କପଡ଼ା ବ୍ୟାଗ୍ ଯୋଗାଇ ଦିଆଯିବ।

→

ଭୋଟ ଗଣତିକୁ ନୀତି ନିର୍ଦ୍ଦେଶନା ମଧ୍ୟରେ ଶାନ୍ତି-ଶୃଙ୍ଖଳାର ସହିତ (ଥାଳନ) ନିର୍ବାଚନକୁ ଜିଲ୍ଲାପାଳ —— ସମସ୍ତଙ୍କର ସହଯୋଗ କାମନା କରିଥିଲେ।

ଉପ-ଜିଲ୍ଲାପାଳ-ତଥା-ନିର୍ବାଚନୀ ଅଧିକାରୀ, ଦେବୋଗଡ଼ ଶ୍ରୀ ସାବର୍ଣ୍ଣୀ ମହାନ୍ତି ପ୍ରଧାନ ଭୋଟ ଗଣତିର ପୂର୍ବ ପ୍ରସ୍ତୁତି ସଂପର୍କରେ ବୈଠକରେ ଅବଗତ କରାଇଥିଲେ। ବୈଠକରେ ମଧ୍ୟ ପରିସର, ଗଣତି ଟେବୁଲ ଓ ବାରିକେଡ଼ ଟେବୁଲର ଆଲୋକୀକରଣ, ପାନୀୟ ଜଳ ଯୋଗାଣ, ଯାନ ବାହାନ ନିୟନ୍ତ୍ରଣ, ପରିଷ୍କାର-ପରିଚ୍ଛନ୍ନତା, ମାଇକ ବ୍ୟବସ୍ଥା, ପୋଲିସ ମୁତୟନ ଆଦି ସଂପର୍କରେ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶଶାଙ୍କ ଶେଖର ଦାଶ, ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରାଙ୍କ ସମେତ ଅତିରିକ୍ତ ଉପଜିଲ୍ଲାପାଳ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ, ଡି.ଏସ.ପି, ଡ଼ି.ଆଇ.ଡ଼ି, ସହରାଞ୍ଚଳ ଜଳ ଯୋଗାଣର ସହକାରୀ ଯନ୍ତ୍ରୀ, ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣର ନିର୍ବାହୀ ଯନ୍ତ୍ରୀ, ଆଞ୍ଚଳିକ ପରିବହନ ଅଧିକାରୀ, ଗଣ୍ଡିଆ ଥାନା ଅଧିକାରୀ, ଗଣ୍ଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସେବାନ୍ଥିତ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

— x —

ସ୍ୱାକ୍ଷର
୨୦।୦୭୬

ଜିଲ୍ଲା ସୂଚନା ଓ ଲୋକ
ସଂପର୍କ ଅଧିକାରୀ
ଢେଙ୍କାନାଳ